# Akashvani, Sambalpur

## SAMBALPURI NEWS BULLETIN

### 19 July 2025- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ କାମ୍‌ଧେନୁ ଯୋଜ୍‌ନା ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କଟକ୍ ଗୋବିନ୍ଦ୍‌ପୁର୍ ଠାନେ ଆଏଜ୍ ମୁଖ୍ୟମନ୍ତ୍ରୀ କାମ୍‌ଧେନୁ ଯୋଜ୍‌ନା ଅଧୀନ୍‌ଥି ଭିନ୍ ଭିନ୍ ପ୍ରକଳ୍ପର୍ ଶୁଭାରମ୍ଭ କର୍‌ବେ । ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିକାଶ୍ ବିଭାଗ୍ ତର୍‌ଫୁ ହେବାର୍‌କେ ଥିବାର୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୨୨ ଟା ଦୁଗ୍ଧ ପରିବହନ୍ ଗାଡ଼ି ଆଉ ପାଉଡ଼ର୍ ଗୁରସ୍ ମିସିନ୍‌ର ଶୁଭାରମ୍ଭ କର୍‌ବେ । ଇତାର୍‌ସହେତେ ୬୨ ଟା ଓମ୍‌ଫେଡ୍ କର୍ମଚାରୀ ବାସଭବନ୍‌ର ଉଦ୍‌ଘାଟନ୍ କର୍‌ବେ । କାର୍ଯ୍ୟକ୍ରମ୍‌ଥି ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କର୍ ସହେତେ ଅଲ୍‌ଗା ମାନେ ଉପସ୍ଥିତ୍ ରହେବେ ବଲି ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଖରିଫ୍ ଧାନ୍ ବିକ୍ରି ପଞ୍ଜିକରଣ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଖରିଫ୍ ଧାନ୍ ବିକ୍ରି ଲାଗି ଆଏଜ୍ଠାନୁ ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍ ହେବା । ଇଟା ଅଗଷ୍ଟ ୨୦ ତାରିଖ୍ତକ୍ ଚାଲ୍ବା । ସମବାୟ ବିଭାଗ୍ର ସୂଚ୍ନା ଅନ୍ସାରେ ସେପ୍ଟେମ୍ବର୍ ୯ ତାରିଖ୍ତକ୍ ଚାଷୀମାନ୍କର୍ ତଥ୍ୟ ଯାଂଚ୍ କରାଯିବା ଆଉ ୩୦ ତାରିଖ୍ ଯୋଗ୍ୟ ଚାଷୀମାନ୍କର୍ ତାଲିକା ବାହାର୍ବା । ସବୁ ପ୍ରକ୍ରିୟା ସର୍ଲା ଉତ୍ରୁ ନଭେମ୍ବର୍ ପହେଲା ହପ୍ତାନୁ ସର୍କାର୍ ଧାନ୍ ଘିନା ମୁଲ୍ କର୍ବେ ଆଉ ଆଏବା ବଛର୍ ମାର୍ଚ୍ଚ ୩୧ ତାରିଖ୍ଦିନ ପ୍ରକ୍ରିୟା ଶେଷ୍ ହେବା । ଇଥର ଧାନ୍ ବିକ୍ବାର୍ ଲାଗି ପିଏମ୍ କିଷାନ୍ ହିତାଧିକାରୀ ପଞ୍ଜିକୃତ ହେବାର୍ ବାଧ୍ୟତାମୂଲକ୍ ଆଏ । ଧାନ୍ ବିକ୍ବାର୍ଥୁ କେନ୍ସି ଭିଲ୍ ଚାଷୀ ବାଦ୍ ନାଇଁ ପଡ଼ନ ବଲି ସମବାୟ ବିଭାଗ୍ ତର୍ଫୁ କୁହାଯାଇଛେ ।

ସଂସଦ୍ ମୌସୁମୀ ଅଧିବେଶନ୍-ସର୍ବଦଲୀୟ ବୈଠକ୍ ଏନ୍ଏସ୍ଡି

ଆଏବା ୨୧ ତାରିଖ୍ ସୋମ୍ବାର୍ ଦିନ ସଂସଦ୍ର ମୌସୁମୀ ଅଧିବେଶନ୍ ମୁଲ୍ ହେବା । ଇତାକେ ନେଇକରି ଆଏବାକାଏଲ୍ ସର୍କାର୍ଙ୍କର୍ ତର୍ଫୁ ସର୍ବଦଲୀୟ ବୈଠକ୍ ଡକାଯାଇଛେ । ଆଏବା ଅଧିବେଶନ୍କେ ସୁରୁଖୁରୁଥି ପରିଚାଲନା କର୍ବାର୍ ଦିଗେ ସହଯୋଗ୍ କର୍ବାର୍ ଲାଗି ବୈଠକ୍ଥି ସର୍କାର୍ଙ୍କର୍ ତର୍ଫୁ ସବୁ ରାଜନୈତିକ୍ ଦଲ୍କେ ଅନୁରୋଧ୍ କରାଯିବା । ଜୁଲାଇ ୨୧ ନୁ ଅଗଷ୍ଟ ୨୧ ତାରିଖ୍ତକ୍ ହେବାର୍କେ ଥିବା

ମୌସୁମୀ ଅଧିବେଶନ୍‌ଥି ବହୁତ୍‌ଟେ ଗୁରୁତ୍ୱପୂର୍ଣ୍ଣ ବିଧେୟକ୍ ଉପ୍‌ରେ ଆଲୋଚନା ହେବାର୍ ସମ୍ଭାବନା ରହିଛେ ।

ଓଡ଼ିଶା ଶକ୍ତି ପରିବର୍ତନ୍ ନୀତି କର୍ମଶାଳା I&PR

ଭୁବ୍‌ନେଶ୍ୱର୍ ଠାନେ ଗଲାକାଏଲ୍ ଓଡ଼ିଶା ଶକ୍ତି ପରିବର୍ତନ୍ ନୀତି ବାବଦ୍ ଗୁଟେ କର୍ମଶାଳା ହେଇଯାଇଛେ । କର୍ମଶାଳାକେ ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଉଦ୍‌ଘାଟନ୍ କରିକରି ଜାତୀୟ ଶକ୍ତି ପରିବର୍ତନ୍ ଦିଗେ ଓଡ଼ିଶା ନେତୃତ୍ୱ ନେଉଛେ ବଲି କହିଛନ୍ । ଇ ନୀତି ଗୁଟେ ରଣନୈତିକ୍ ରୋଡ୍‌ମେପ୍ ଆଏ ଯେନ୍‌ଟାକି ନୂଆଁ ସୃଜନ୍ ଆଉ ପ୍ରଗତିକେ ଆଗ୍‌କେ ନେବାର୍ ଲାଗି ତିଆର୍ କରାଯାଇଛେ ବଲି ଶ୍ରୀ ସିଂହଦେଓ କହିଛନ୍ । କର୍ମଶାଳାଥି ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିଭାଗ୍, ଶିଳ୍ପ ଆଉ ଅନ୍ତର୍ଜାତୀୟ ଆର୍ଥିକ୍ ପ୍ରତିଷ୍ଠାନ୍‌ର ବିଶିଷ୍ଟ ବ୍ୟକ୍ତିମାନେ ଯୋଗ୍ ଦେଇଥିଲେ ।

ଛାତ୍ରୀମୃତ୍ୟୁ ଘଟ୍‌ନା ତଦନ୍ତ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବାଲେଶ୍ୱର୍ ଛାତ୍ରୀ ମୃତ୍ୟୁ ଘଟ୍‌ନାର୍ ଯାଂଚ୍- ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍ - ୟୁଜିସିର ୪ ଝନିଆ ଫେକ୍ଟ ଫାଇଣ୍ଡିଂ ଟିମ୍, ଉଚ୍ଚଶିକ୍ଷା

ବିଭାଗ୍‌ର ତଦନ୍ତ୍‌କାରୀ ଦଲ୍ ଆଉ କ୍ରାଇମ୍‌ବ୍ରାଂଚ୍ ତର୍‌ଫୁ ଜାରି ରହିଛେ । ତିନ୍‌ହି ଦଲ୍ ତର୍‌ଫୁ ଆଏଜ୍ ଭିଲ୍ ତଦନ୍ତ୍ କରାଯିବା । ଗଲାକାଏଲ୍ ଯୁଜିସିଟି ଟିମ୍ କଲେଜ୍ ନ ଭାରପ୍ରାପ୍ତ ଅଧ୍ୟକ୍ଷ ଆଉ ଆଭ୍ୟନ୍ତରିଣ ଅଭିଯୋଗ୍ କମିଟି-ଆଇସିସିର୍ ସଦସ୍ୟ ମାନ୍‌କୁ ଘଟ୍‌ନା ବାବ୍‌ଦେ ପଚ୍‌ରେଇକରି ଘଟ୍‌ନାଜାଗା ବୁଲିଥିଲେ । କ୍ରାଇମ୍‌ବ୍ରାଂଚ୍ ଟିମ୍ କଲେଜ୍ ନ ଯାଂଚ୍ କରିକରି ମୃତ ଛାତ୍ରୀଙ୍କର୍ ପରିବାର୍ ଲୁକ୍‌କୁ ପଚ୍‌ରାଉଚ୍‌ରା କରିଥିଲେ । ଶିକ୍ଷା ବିଭାଗ୍ ଟିମ୍ ଭିଲ୍ ଭିନ୍ ଭିନ୍ ଦିଗ୍ ଉପ୍‌ରେ ଯାଂଚ୍ କରିଥିଲା ।

ଯୁକ୍ତ ଦୁଇ ଇନ୍‌ଷ୍ଟାଂଟ୍ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ଯୁକ୍ତ ଦୁଇ ଇନ୍‌ଷ୍ଟାଂଟ୍ ପରୀକ୍ଷା ୨୦୨୫ ର ଫଲ୍ ଗଲାକାଏଲ୍ ବାହାରିଛେ । ଇ ବଛର୍ କଳା, ବାଣିଜ୍ୟ, ବିଜ୍ଞାନ୍ ଆଉ ଧନ୍ଦାମୂଲକ୍ ପାଠ୍ୟକ୍ରମ୍‌ଥି ପାସ୍ ହାର ୯୦ ଦଶ୍‌ମିକ୍ ୫/୭ ପ୍ରତିଶତ୍ ରହିଛେ । ୧ ହଜାର୍ ୯ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେବାର୍‌କେ ନାଁ ପଞ୍ଜିକରଣ୍ କରିଥିବାର୍ ବେଲେ ୧ ହଜାର୍ ୮ ଝନ୍ ପରୀକ୍ଷା ଦେଇଥିଲେ ।

ସଚିବ ଭୂପେନ୍ଦ ସିଂ ପୁନିଆ-ସମ୍ବଲ୍‌ପୁର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷତା ବିକାଶ ଆଉ ପ୍ରଯୁକ୍ତି ଶିକ୍ଷା ବିଭାଗ୍‌ର କମିଶନର୍ ଆଉ ସଚିବ ଭୂପେନ୍ଦ ସିଂ ପୁନିଆ ସମ୍ବଲ୍‌ପୁର୍ ଗସ୍ତଥି ଆସିକରି ଜିଲ୍ଲାର୍ ଭିନ୍ ଭିନ୍ ଦକ୍ଷତା ବିକାଶ୍ କେନ୍ଦ୍ର ଆଉ ପ୍ରଶିକ୍ଷଣ୍ ସଂସ୍ଥାମାନ୍‌କୁ ପରିଦର୍ଶନ୍ କରିକରି ସମୀକ୍ଷା କରିଛନ୍ । ଓଡ଼ିଶା ସ୍କିଲ୍ ଡେଭଲପ୍‌ମେଂଟ୍ ଅଧୀନ୍‌ଥି ଥିବା ବ୍ଲେକ୍ ପେନ୍ଥସ୍, ଗାର୍ଡ୍ ସର୍ଭିସ, ଭିସୁଟ୍ ବୁର୍ଲା, ରାସନ୍‌ପୁର୍ ସର୍କାରୀ ଆଇଟିଆଇ, ସ୍କିଲ୍ କନେକ୍ଟ ବାଗିର୍ ଭିନ୍ ଭିନ୍ ଦକ୍ଷତା ପ୍ରଶିକ୍ଷଣ୍ କେନ୍ଦ୍ର ମାନ୍‌କୁ ବୁଲି ଦେଖିଛନ୍ । ଜିଲ୍ଲା ନ ବୈଷୟିକ ଶିକ୍ଷାର୍ ଥିତି ବାବ୍‌ଦେ ଭିଲ୍ ଶ୍ରୀ ପୁନିଆ ଆଲୋଚନା କରିଛନ୍ ।

ରାଷ୍ଟ୍ରପତି ପୁରସ୍କାର ଉତ୍ସବ୍-ଅନୁସୂୟା ଦେବ୍‌ତା

ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଭବନ୍ ନ ହେବାର୍‌କେ ଥିବା ରାଷ୍ଟ୍ରପତି ପୁରସ୍କାର୍ ସ୍କାଉଟ୍, ଗାଇଡ୍ ଉତ୍ସବ୍‌ଥି ବର୍‌ଗଡ୍ ଜିଲ୍ଲା ଅତାବିରା ବ୍ଲକ୍ ପଂଚାୟତ୍ ଉଚ୍ଚବିଦ୍ୟାଳୟର୍ ବିଜ୍ଞାନ୍ ଶିକ୍ଷୟିତ୍ରୀ ଆଉ ଗାଇଡ୍ କେପ୍‌ଟେନ୍ ଅନୁସୂୟା ଦେବ୍‌ତା ଯୋଗ୍ ଦେବେ । ଉତ୍ସବ୍‌ଥି ଶ୍ରୀମତୀ ଦେବ୍‌ତା ଓଡ଼ିଆ ଦେଶାତ୍ମବୋଧ ସମବେତ ସଂଗୀତ ଗାନ ଦଲ୍‌ଥି ସାମିଲ୍ ହେବେ । ଇଥିର୍‌ଲାଗି ଶ୍ରୀମତୀ ଦେବ୍‌ତା ନୂଆଦିଲ୍ଲୀ ଯାଇଛନ୍ ।

ଭିସୁଟ-ଷ୍ଟାର୍ଟଅପ୍ କନ୍‌କ୍ଲେଭ୍-୨୦୨୫ ଆର୍‌ଏନ୍‌ୟୁ/ ସମ୍ବଲପୁର

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ- ଭିସୁଟ୍ ତରଫୁ ଇ-ଲର୍ଣ୍ଣିଂ ସେଂଟର୍ ଠାନେ ଷ୍ଟାର୍ଟଅପ୍ କନ୍‌କ୍ଲେଭ୍-୨୦୨୫ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ଶ୍ୟାମ୍‌ସୁନ୍ଦର୍ ପଟ୍ଟନାୟକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଛାତ୍ରଛାତ୍ରୀମାନେ ଭିନ୍ ଭିନ୍ ଷ୍ଟାର୍ଟଅପ୍ ମୋଡ଼େଲ୍ ପ୍ରଦର୍ଶନ୍ କରିଥିଲେ ।

ଯୌନ ନିର୍ଯ୍ୟାତନା ନିରୋଧୀ ସଚେତନତା/ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଖଲିଆପାଲି ଭୀମଭୋଇ ଆଶ୍ରମ୍ ଉଚ୍ଚ ବିଦ୍ୟାଳୟ ଠାନେ ଯୌନ ନିର୍ଯ୍ୟାତନା ନିରୋଧୀ ଆଉ ଅନୁସୂଚିତ ଜାତି ଜନଜାତି ଅଧିନିୟମ୍ ଉପ୍‌ରେ ଗୁଟେ ସଚେତନତା ଶିବିର ହେଇଯାଇଛେ । ଶିବିର୍‌ଥି ପ୍ରାଧିକରଣ୍‌ର ସଚିବ ଦେବାଶିଷ୍ ଦାସ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପ୍ରାଧିକରଣ୍‌ର ଉଦ୍ଦେଶ୍ୟ ବୁଝେଇଥିଲେ । ସଦର୍ ଡି.ଏସ୍.ପି ପ୍ରତାପ୍ କୁମାର୍ ରଣା ଆଉ ଅଲ୍‌ଗା ଅତିଥି ମାନେ ଯୋଗ୍ ଦେଇକରି ଯୌନ ନିର୍ଯ୍ୟାତନା ବାବ୍‌ଦେ

ସଚେତନ୍ କରିଥିଲେ । କାର୍ଯ୍ୟକ୍ରମ୍‌ଥି ଛାତ୍ରଛାତ୍ରୀ ଆଉ ବିଦ୍ୟାଳୟ କର୍ମଚାରୀମାନେ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଲଘୁଚାପ୍‌ର ବଲେ ରାଏଜର୍ ବଡ଼ଭାଗୀ ଜାଗା ନ ବର୍ଷା ଲାଗି ରହିଛେ । ଭୁବନେଶ୍ୱର୍ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଭିତ୍‌ରିଆ ଆଉ ସମୁଦ୍ରଖଁଡ଼ି ଇଲାକା ନ ଘଡ୍‌ଘଡ଼ି ସହେତେ ସାମାଏନ୍ ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ । ଇ ସମିଆଥି ପଶ୍ଚିମ ଓଡ଼ିଶା ସହେତେ ରାଜ୍ୟର୍ ୨୦ ଜିଲ୍ଲା ନ ଚଡ଼କ୍ ମାରିକରି ଜବର୍ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।
ହୀରାକୁଦ୍ ଜଲ୍‌ଭଣ୍ଡାର୍ ଇହାଦେ ୪ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଇଛେ । ଆଏଜ୍ ସଖାଲର୍ ୬ ବଜେତକ୍ ଜଲ୍‌ସ୍ତର୍ ୬ ଶହ ୧୦ ଦଶ୍‌ମିକ୍ ୬/ ୯ ଫୁଟ୍ ରହିଛେ ।